
# ହିକ୍! କୋପୋଟାମସ୍



ଗୀତା ଧର୍ମରାଜନ୍
ଚିତ୍ର: ଅତନୁ ରାୟ




କଥାର ଗୋଟିଏ 300ମି ଚିନ୍ତା କରିବା ପାଇଁ ଖୋରାକ ଯୋଗାଉଥିବା ବହି

ଦିନେ, ଦିପହରେ ଗୁଲମୋହର ଜଙ୍ଗଲର ଧଳା କଇଁ ପୋଖରୀରେ କ'ଣ ଗୋଟେ ବଡ଼ ଜିନିଷ ଖସିପଡ଼ିଲା ।

**ଢୁମ୍!..**





ଢାପ୍!..



ଠେକୁଆ ମୁୟଲ୍, ମାଙ୍କଡ଼ ହନୁ, ଶୁଆ ପୋପଟ୍ ସମସ୍ତେ ପାଟିକରି ଉଠିଲେ...



ସମସ୍ତେ ଡରି ଯିବାରେ ଏତେ ବ୍ୟସ୍ତ ଥିଲେ ଯେ ସେମାନେ ଦେଖି ପାରିଲେନି 'ସେଇ ଜିନିଷ'ଟା ପୋଖରୀ ଯନ୍ତର ସହିତ ବାହାରି ଆସି ସାରିଥିଲା । ମୁୟଲ୍ ପ୍ରଥମେ ତାକୁ ଦେଖିଲା ।







ପେଚା ରାତ୍ରୀ ପଚାରିଲା । ସମସ୍ତଙ୍କ ପାଟିରେ ତା ନିଦ ଭାଙ୍ଗିଗଲାରୁ ସିଏ ଟିକେ ଚିଡ଼ି ଯାଇଥିଲା ।

ସାଙ୍ଗେ ସାଙ୍ଗେ, ହୱାସି କାନ୍ଦି ପକାଇଲା ।


"ମୁଁ ...ଘ..ଘର..କୁ ହୁଁ!...ଯିବାକୁ ...ଚା...ଚାହୁଁଛି!" ଗୋଡ଼କୁ କଟାଡ଼ି କାନ୍ଦି କାନ୍ଦି ସେ କହିଲା ।







ସଁବାଳୁଆ ଇଲା ପଚାରିଲା ।




ତା ଚାରିପଟେ ଥିବା ପଶୁମାନଙ୍କୁ ଦେଖି ହୱାସି କହିଲା ।



"ତୋ ହାକୁଟି ଭଲ କରିବାକୁଆମେ ସବୁ ସାହାଯ୍ୟ କରିବୁ!" ସହାୟତାର ହାତ ବଢ଼ାଇ ମୁୟଲ୍ କହିଲା ।

"ମତେ ଘରକୁ ଫେରାଇ ପାରିବ କି?" ଆଶାର ସହିତ ହୱାସି ପଚାରିଲା ।

"ନିଶ୍ଚୟ । ମୁଁ ଚେଷ୍ଟା କରିବି, " ହନୁ କହିଲା ।
"ଚାଲ ଆମର ବାକି ସାଙ୍ଗମାନଙ୍କୁ ବି ଡାକିବା! କାଳେ କାହା ପାଖେ ହାକୁଟି ପାଇଁ ଭଲ ଔଷଧ ଥିବ!"


ତେଣୁ ମୁୟଲ୍ ଗଲା ହାତୀ-ଲୋଗ୍, ବାଘ, ବାଦୁଡ଼ି, ବୁଢ଼ିଆଣୀ ଆଉ ବାକି ସମସ୍ତଙ୍କୁ ଡାକିବାକୁ ।

ସବୁ ଏକାଠି ହୋଇ ଭାବିବାକୁ ଲାଗିଲେ ।

"ପାଣି!" ସାଙ୍ଗେ ସାଙ୍ଗେ ଜଙ୍ଗଲି କୋକିଶିଆଳି କହିଲା ।

"ଆମକୁ ହାକୁଟି ଲାଗିଲେ ଆମେ ପାଣି ହିଁ ପିଉ ।
ସବୁବେଳେ ପାଣି ଭଲ କାମ କରେ!"

"ବହୁତ ବହୁତ ଧନ୍ୟବାଦ!" ହୱାସି କହିଲା,
"ମୁଁ ପାଣିକୁ ଭଲପାଏ!"



ସେ ସାଙ୍ଗେ ସାଙ୍ଗେ ଧଳା କଇଁ ପୋଖରୀକୁ ଡେଇଁ ପଡ଼ିଲା...ଆଉ କୁଆଡ଼େ ଉଭେଇଗଲା ।

"ଆରେ ଆରେ! ସେ ବୁଡ଼ିଗଲା ନା କ'ଣ? " ହୱାସି କିଛି ସମୟ ପରେ ଉପରକୁ ନ ଉଠିଲାରୁ ହାତୀ 'ଏ' ପଚାରିଲା ।

"ସେ ପହଁରା ଜାଣିଛି ଭଳି ଲାଗୁନି ତ," କାଉ 'କା-କା' ବ୍ୟସ୍ତ ହୋଇ କହିଲା ।

ଠିକ୍ ସେତିକିବେଳେ, ହୱାସି ହସି ହସି ଉପରକୁ ଉଠି ଆସିଲା ।




"ମୋତେ ଲାଗିଲା ମୁଁ ଘରକୁ ଫେରି ଯାଇଛି!" ଖୁସିରେ ଗଁ ଗଁ କରି ହୱାସି କହିଲା ।
"ମୁଁ ସବୁକିଛି ଭୁଲିଯାଇ ଟିକେ ସମୟ ପାଇଁ ଚାଲିବାକୁ ପଳେଇଥିଲି! ସରି! "


"ଚାଲିବାକୁ? ପାଣି ତଳେ?" ଆଶ୍ଚର୍ଯ୍ୟ ହୋଇ ହାତୀ 'ଏ' ପଚାରିଲା ।

"ମୁଁ ପାଣିରେ ଚାଲିବାକୁ ଭଲପାଏ," ହୱାସି ବୁଝାଇ ଦେଲା । "ମୁଁ ଭଲ ପହଁରି ବି ପାରେ! ଆଉ ପଡ଼ିଆରେ ଦୌଡ଼ିଲେ ମୁଁ ତମକୁ ହରେଇ ବି ଦେଇପାରିବି । "


ଯେତେବେଳେ ହଠାତ୍ ...




ସବୁ ପଶୁପକ୍ଷୀ ହାକୁଟି ଭଲ ହେବା ପାଇଁ ହୱାସିର ସାହାଯ୍ୟ କରିବାକୁ ଚେଷ୍ଟା କରୁଥିଲେ...



...ତାକୁ ଚିନି ଦେଇକି...



...ନିଶ୍ୱାସ ଅଟକାଇ ରଖିବାକୁ କହିକି...



...ଏବଂ ତାକୁ ଡରେଇକି!

କିନ୍ତୁ ହୱାସି ଏତେ ବଡ଼ ଥିଲା ଯେ, ତାକୁ କେଉଁ ଜିନିଷ ବା ଡରେଇ ପାରିବ?

ଠିକ୍ ସେତିକିବେଳେ...




"ଓଃ ନା!" ବାଘ ତେଜସ୍ ର କଥା ଶୁଣି ହନୁ ମନ ଦୁଃଖରେ କହିଲା । "ଆମେ ତ ସେକଥା ଭାବିନୁ!"

"ଆମେ ତାକୁ ଗୋଟେ ବଡ଼ ହାକୁଟି ଦେବା । ତା ହେଲେ ସେ ଯୋଉ ବାଟେ ଆସିଥିଲା ପୁଣି ଥରେ ସେଇ ବାଟରେ ଘରକୁ ଫେରି ଯିବ!" କହିଲା ଶୁଆ ପୋପଟ୍ ।




"ଆମେ ତାକୁ କୁତୁକୁତୁ କରିଦେବୁ!" ପିମ୍ପୁଡ଼ିମାନେ କହିଲେ । "ଆମେ ତାକୁ ଏମିତି ମଜା କଥା କହିବା ଯେ ସିଏ ହସି ହସି ତା ଘରକୁ ପଳେଇବ!" ମାଙ୍କଡ଼ମାନେ କହିଲେ । "ବଢ଼ିଆ!" ହୱାସି ପାଟି କରି କହିଲା, ତା ଆଖି ଦୁଇଟି ଟିକ୍ ମିକ୍ କରୁଥିଲା । "ମାମା, ମୁଁ ଘରକୁ ଆସୁଛି!"



ପିମ୍ପୁଡ଼ିମାନେ ହୱାସିକୁ କୁତୁକୁତୁ କଲେ ।

ସମସ୍ତେ ଯେତେ ସବୁ ମଜା ଆଉ କୌତୁକିଆ କଥା ଜାଣିଥିଲେ କହିବାକୁ ଲାଗିଲେ ।

ଏମିତି କ'ଣ ଅଛି ଯାହା ହିପ୍ପୋ ଭଳି ବଡ଼ କିନ୍ତୁ ତାର ଓଜନ କିଛି ନାହିଁ?

ଗୋଟେ ହିପ୍ପୋର ଛାଇ!

ବେଙ୍ଗମାନେ ସେମାନଙ୍କ ଟଙ୍କା କୋଉଠି ରଖନ୍ତି?

ନଦୀ କୂଳରେ!

ମାଙ୍କଡ଼, ହାତୀ,ସଂବାଳୁଆ ଏବଂ ପକ୍ଷୀମାନେ ସମସ୍ତେ ଠୋ ଠୋ ହୋଇ ହସୁଥିଲେ!


ସାରସ ପକ୍ଷୀ କାହିଁକି ଗୋଟେ ଗୋଡ଼ରେ ଠିଆ ହୁଏ?

କାହିଁକି ନା ଆଉ ଗୋଟେ ଗୋଡ଼ ଉଠେଇ ଦେଲେ ସେ ପଡ଼ିଯିବ!

ଗୋଟେ ସାତ ଫୁଟିଆ ଗରିଲା କୋଉଠି ଶୁଏ?

ସେ ଯେଉଁଠି ଚାହେଁ ସେଠି ଶୁଏ!

ସମସ୍ତଙ୍କ ମଝିରେ ଥିଲା ହୱାସି, ହସି ହସି ସେ ଗର୍ଜନ କରୁଥିଲା । ଏତେ ମଜା କଥା ସେ କେବେ ଆଗରୁ ଶୁଣି ନ ଥିଲା!




ହାତୀର ଗୋଟେ ମଜା କଥା ମଝିରେ ହୱାସି ହାକୁଟି ମାରିଲା! ବଡ଼ ହାକୁଟି, ହିପ୍ପୋ ଭଳି ବଡ଼ ।

# ଧୁ..କ୍!



ତାପରେ ସେ ଉପରକୁ ଉଠିଗଲା, ବରଗଛ ଉପରକୁ ଯାଇ ସେ ଦୂରକୁ ଉଡ଼ିଗଲା, ଯେମିତି ସେ ଆସିଥିଲା, ସେମିତି ଚାଲିଗଲା । "ବାଏ ବାଏ ଆଉ ଥ୍ୟାଙ୍କ୍ୟୁ!" ଦୂରକୁ ଉଡ଼ି ଯାଉଥିବାବେଳେ ହୱାସି ଖୁସିରେ ପାଟି କରି କହିଲା ।



"ବାଏ..., ଭଲରେ ଘରେ ପହଞ୍ଚି ଯା!" ସବୁ ପଶୁପକ୍ଷୀ ବଡ଼ ପାଟି କରି କହିଲେ ।

ଘରକୁ ପଳେଇଲା!



ହଁ, ମୁଁ କହିବାକୁ ଭୁଲି ଯାଇଥିଲି । ଗତକାଲି ଗୁଲମୋହର୍ ଜଙ୍ଗଲର ପଶୁପକ୍ଷୀମାନେ ଆଫ୍ରିକାର ଜିମା ସ୍ପ୍ରିଙ୍ଗସ୍ ରୁ ଗୋଟେ ବଡ଼ 'ଥ୍ୟାଙ୍କ ୟୁ!' ଶୁଣିଥିଲେ ।

ହଁ, ତୁମେ ଠିକ୍ ଭାବୁଛ! ସିଏ ହୱାସି ହିପ୍ପୋପଟାମସ୍ ଥିଲା!

# କହିଲ କିଏ?

ତା' ନାଁର ଅର୍ଥ 'ଜଳ ହସ୍ତୀ' । ଏହା ଦେଖିବାକୁ ଗୋଟିଏ ବଡ଼ ଘୁଷୁରୀ ଭଳି । ଏହା ବହୁତ ବଡ, ମୋଟା ଏବଂ ଭାରୀ (ଏହା ତୁମର ଓଜନ ସହିତ ଆହୁରି 200 ଜଣଙ୍କ ଓଜନ ମିଶାଇଲେ ଯେତିକି ହେବ ତାଠାରୁ ବି ଅଧିକ!), କିନ୍ତୁ ଏହା ତୁମଠାରୁ ଅଧିକ ଦ୍ରୁତ ଗତିରେ ଚାଲିପାରେ ଏବଂ ସୁନ୍ଦର ଭାବରେ ପହଁରିପାରେ । ତୁମେ ଏହାର ନାଁ ଜାଣିଛ କି? ତା ନାଁ ହେଉଛି...

## ହିପ୍ପୋପଟାମସ୍,

ହଁ!





ହିପ୍ପୋର ପଛପଟ ଏବଂ ଆଉ ଦୁଇ ପାଖର ଚମଡ଼ା ତୁମ ଚାରି ଆଙ୍ଗୁଠିର ଓସାର ଯେତିକି ମୋଟା। ସେଥିପାଇଁ ହିପ୍ପୋ କାହାକୁ ଡରେ ନାହିଁ । ଗୋଟେ ବଡ଼ ସିଂହ ସାମ୍ନାକୁ ଆସିଗଲେ ସେ ଡରିଯିବ ବୋଧେ । ନହେଲେ ଆଉ କାହାକୁ ନୁହେଁ ।

ହିପ୍ପୋର ପାଟି ଏତେ ବଡ଼ ଯେ ତୁମେ ସହଜରେ ତା ଭିତରେ ପଶିଯାଇପାରିବ- କିନ୍ତୁ ତୁମେ କେବେ ହିପ୍ପୋ ପାଟି ଭିତରେ ପଶିବାକୁ ପସନ୍ଦ କରିବନି ନା! ଏକା ଥିବା ସମୟରେ ହିପ୍ପୋ ସବୁବେଳେ ଶାନ୍ତିରେ, ଖୁସିରେ ରହିବାକୁ ଚାହେଁ । କିନ୍ତୁ ରାଗିଗଲେ, ହିପ୍ପୋ ଗୋଟେ ଡଙ୍ଗାକୁ ବି ଭାଙ୍ଗିକି ଗୁଣ୍ଡ କରିଦେଇପାରେ!

ହିପ୍ପୋମାନେ ଦିନସାରା ଆଫ୍ରିକୀୟ ନଦୀରେ ବିଶ୍ରାମ ନେବାକୁ ଭଲ ପାଆନ୍ତି । ବେଳେବେଳେ ସେମାନେ ନଦୀ ଶଯ୍ୟାରେ ପାଣି ତଳେ ବୁଲନ୍ତି, ବିଶାଳ ପାଟିରେ ଅନାବନା ଘାସ ଏବଂ ପାଣି ଭିତରେ ବଢ଼ିଥିବା ଗଛଲତାଗୁଡ଼ିକ ସଂଗ୍ରହ କରନ୍ତି (ହିପ୍ପୋମାନେ ଶାକାହାରୀ) । ସେମାନଙ୍କର ଚର୍ମରେ ଥିବା ସ୍ୱତନ୍ତ୍ର ଫ୍ଲାପ୍ ସେମାନଙ୍କ ନାକପୁଡ଼ାକୁ ଘୋଡ଼ାଇ ଦେଇଥାଏ, ଯାହା ଦ୍ୱାରା ଫୁସଫୁସରେ ପାଣି ପଶେ ନାହିଁ ।

ଶିଶୁ ହିପ୍ପୋମାନେ ପାଣି ତଳେ ଜନ୍ମଗ୍ରହଣ କରନ୍ତି ଏବଂ ସେମାନେ ଚାଲିବା ପୂର୍ବରୁ ମଧ୍ୟ ପହଁରି ପାରନ୍ତି! ଗୋଟିଏ ଥରରେ କେବଳ ଗୋଟିଏ ଶିଶୁ ଜନ୍ମ ହୁଏ । ଶିଶୁଟିଏ ଚାଲି ଶିଖିବା ମାତ୍ରେ, ସେ ଦୁଃସାହସିକ କାର୍ଯ୍ୟରେ ବାହାରି ଯିବାକୁ ପସନ୍ଦ କରନ୍ତି । କିନ୍ତୁ ମାଆ ହିପ୍ପୋମାନେ ସେମାନଙ୍କର ଶିଶୁମାନଙ୍କୁ ଧୀରେ ଧୀରେ ପଛକୁ ଟାଣି ଆଣନ୍ତି । ଶିଶୁ ହିପ୍ପୋମାନେ ସେମାନଙ୍କର ମାଆମାନଙ୍କୁ ଦେଖି ଦେଖି ଏସବୁ କାମ ଶିଖନ୍ତି ଯେମିତିକି ବିପଦରୁ ଦୂରେଇ ରହିବା, ଖାଦ୍ୟ ଖୋଜିବା ଏବଂ ମଜା କରିବା!





ଗୀତା ଧର୍ମରାଜନ ପିଲାମାନଙ୍କ ପାଇଁ କାହାଣୀ ଲେଖିବାକୁ ଭଲ ପାଆନ୍ତି । ସେ ପିଲାଙ୍କ ପତ୍ରିକା ଟାର୍ଗେଟ ଏବଂ ପେନସିଲଭାନିଆ ଗେଜେଟ୍ ଏବଂ ପେନସିଲଭାନିଆ ବିଶ୍ୱବିଦ୍ୟାଳୟ ପତ୍ରିକାର ଅନ୍ୟତମ ସମ୍ପାଦକ ଥିଲେ । ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ସେବା ପାଇଁ ତାଙ୍କୁ 2012 ରେ ସମ୍ମାନଜନକ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା ।

ଅତନୁ ରାୟ ପିଲାଙ୍କ ପାଇଁ 100ରୁ ଅଧିକ ବହି ଲେଖିଛନ୍ତି ଏବଂ ତାଙ୍କର ସୃଜନଶୀଳତାକୁ ପିଲାଙ୍କ ସାହିତ୍ୟ ଦିଗରେ ଉତ୍ସର୍ଗ କରିଛନ୍ତି । ରାୟଙ୍କର ଗାଢ଼ ରଙ୍ଗ ଏବଂ ସ୍ପଷ୍ଟ ବିବରଣୀଗୁଡ଼ିକର ବ୍ୟବହାର ପାଠକଙ୍କ ହୃଦୟ ଏବଂ ଆଖିକୁ ଆକର୍ଷିତ କରିଥାଏ । ଏକଦା ଇଣ୍ଡିଆ ଟୁଡେ ପାଇଁ ଜଣେ ପଲିଟିକାଲ୍ କାର୍ଟୁନିଷ୍ଟ ଭାବରେ କାର୍ଯ୍ୟ କରିଥିବା ରାୟ, ପୁସ୍ତକ ଚିତ୍ରନାଟ୍ୟ ପାଇଁ 'ପିଲାଙ୍କ ପସନ୍ଦ' ପୁରସ୍କାର ଏବଂ ଚିତ୍ରନାଟ୍ୟ ପାଇଁ ଆଇବିବିୱାଇ ସାର୍ଟିଫିକେଟ୍ ଅଫ୍ ଅନର୍ ଭଳି ସମ୍ମାନ ଲାଭ କରିଛନ୍ତି । ତାଙ୍କ ଷ୍ଟୁଡିଓ ଗୁରୁଗାଓଁଠାରେ ଅବସ୍ଥିତ ।

KATHA

କଥା ଏକ ବିଶ୍ୱବ୍ୟାପୀ ସ୍ୱୀକୃତିପ୍ରାପ୍ତ ଅଣ-ଲାଭକାରୀ ସଂସ୍ଥା (www.katha.org) ଯାହା 1988 ମସିହାରୁ ସାକ୍ଷରତାରୁ ସାହିତ୍ୟ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରି ଆସୁଅଛି । ଗରୀବ ପିଲାମାନଙ୍କ ପାଇଁ ପ୍ରକାଶନ ଏବଂ ଶିକ୍ଷା କ୍ଷେତ୍ରରେ ଆମର ପ୍ରାୟ 30 ବର୍ଷର ଅଭିଜ୍ଞତା ଅଛି ।

"ଭାରତର ମୁକୁଟରେ ଶିକ୍ଷାର ଏକ ଉଜ୍ଜ୍ୱଳ ମଣି" **— ନାୟୁକି ଶିନୋହାରା, ଉପ ପରିଚାଳନା ନିର୍ଦ୍ଦେଶକ, ଆଇଏମ୍ ଏଫ୍**

"ସହରର ସାଧାରଣ ତଥା ଦୈନନ୍ଦିନ ଜୀବନର ଛୋଟ ଛୋଟ ଦୁଃଖ ଓ ଭୟଙ୍କର କଷ୍ଟର ମୁକାବିଲା କରିବା ପାଇଁ ଯେଉଁ ସବୁ ସୃଜନଶୀଳ ପ୍ରଚେଷ୍ଟା ଚାଲିଅଛି ସେମାନଙ୍କ ମଧ୍ୟରେ "କଥା" ର ଏକ ସ୍ୱତନ୍ତ୍ର ପରିଚୟ ଅଛି ।" **— ଚାର୍ଲ୍ସ ଲ୍ୟାଣ୍ଡ୍ରି, ଦ ଆର୍ଟ ଅଫ୍ ସିଟି ମେକିଙ୍ଗ୍**

"କଥା"ର ପିଲାମାନଙ୍କ ପାଇଁ ବିଶେଷ ଅନୁରାଗ ରହିଛି ତେଣୁ... ଏହା ପିଲାମାନଙ୍କ ପାଇଁ ଏପରି ସୁନ୍ଦର ସୁନ୍ଦର ଚିତ୍ର ସମ୍ବଳିତ ପୁସ୍ତକ ପ୍ରକାଶ କରୁଛି ।" **— ଟାଇମ୍ ଆଉଟ୍**

"କଥା" ବିଶ୍ୱାସ କରେ ଯେ ପିଲାମାନେ ତାଙ୍କ ଦୁନିଆରେ ବାସ୍ତବ ଏବଂ ଧାରଣାକ୍ଷମ ପରିବର୍ତ୍ତନ ଆଣିପାରିବେ, **— ପେପରଟାଇଗର୍ସ**


ଏହି ସଂସ୍କରଣ ପ୍ରଥମେ 2021 ପ୍ରକାଶିତ ହୋଇଥିଲା
କପିରାଇଟ୍ ©କଥା,1991, 2014, 2021
ଲେଖା କପିରାଇଟ୍© ଗୀତା ଧର୍ମରାଜନ୍
ଚିତ୍ର କପିରାଇଟ୍© କଥା
A3, ସର୍ବୋଦୟ ଏନକ୍ଲେଭ, ଶ୍ରୀ ଅରୋବିନ୍ଦ ମାର୍ଗ, ନୂଆଦିଲ୍ଲୀ 110 017
ଫୋନ୍ : 91-11 4141 6600 . 4141 6610
ଇମେଲ୍: editors@katha.org, Website: www.katha.org
ISBN 978-93-82454-65-6

ଆମର ଲକ୍ଷ: ପ୍ରତ୍ୟେକ ପିଲା ଖୁସି ମନରେ ଓ ଭଲଭାବରେ ପଢ଼ିପାରନ୍ତୁ!

"କଥା" ହେଉଛି ଏକ ପଞ୍ଜୀକୃତ ଅଣ-ଲାଭକାରୀ ସଂସ୍ଥା ଯାହା 1988 ରେ ସ୍ଥାପିତ ହୋଇଥିଲା । ଆମେ ସାହିତ୍ୟର ସାକ୍ଷରତା କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରୁ । ପିଲା ଏବଂ ବୟସ୍କମାନଙ୍କ ଭିତରେ ପଢ଼ିବାରେ ଇଚ୍ଛା ସୃଷ୍ଟି କରିବା ପାଇଁ ଏହା ସମର୍ପିତ ଭାବରେ ଚେଷ୍ଟା କରିଆସୁଛି, ଭଲ ମାନର ପୁସ୍ତକ ଓ ଅନ୍ୟାନ୍ୟ ପ୍ରଚେଷ୍ଟା ମାଧ୍ୟମରେ ଏହା ଭଲ ମାନର ପୁସ୍ତକ ପ୍ରକାଶ କରୁଛି 1,00,000 ରୁ ଅଧିକ ଗରୀବ ପିଲାଙ୍କ ସହିତ କାମ କରୁଛି ଏବଂ ସେମାନଙ୍କର ପଢ଼ିବାର ଶକ୍ତି ବଢ଼ାଉଛି ।

ସର୍ବ ସତ୍ତ୍ୱ ସୁରକ୍ଷିତ । ଏହି ପୁସ୍ତକର କୌଣସି ଭାଗ ପ୍ରକାଶକଙ୍କ ପୂର୍ବ ଲିଖିତ ଅନୁମତି ବିନା ପୁନଃ ପ୍ରକାଶିତ କିମ୍ବା ବ୍ୟବହୃତ ହୋଇପାରିବ ନାହିଁ ।

ଏହି ବହିଗୁଡ଼ିକର ବିକ୍ରୟରୁ ମୋଟ୍ ଆୟର 10ପ୍ରତିଶତ ବଞ୍ଚିତ ପିଲାମାନଙ୍କର ପଢ଼ିବା ଏବଂ ଜୀବନବ୍ୟାପୀ ଶିକ୍ଷା ପାଇଁ ଖର୍ଚ୍ଚ କରାଯିବ ।





ଆଇ ଲଭ୍ ରିଡିଙ୍ଗ୍ ଲାଇବ୍ରେରୀ ହେଉଛି ପୁସ୍ତକଗୁଡ଼ିକର ଏକ ଅନନ୍ୟ ସିରିଜ୍ ଯାହା ନୂଆକରି ପଢ଼ିବାକୁ ଶିଖୁଥିବା ଓ ନିଜର ଉପରେ କମ ବିଶ୍ୱାସ ଥିବା ପାଠକମାନଙ୍କୁ ଅନାୟସରେ ଆଗ୍ରହରେ ପଢ଼ିବାର ସାମର୍ଥ୍ୟ ଦେବାକୁ ଉଦ୍ୟମ କରିଆସୁଛି । ପଢ଼ିବାର ସାମର୍ଥ୍ୟ ଦୃଷ୍ଟିରୁ ଭିନ୍ନ ଭିନ୍ନ ସ୍ତରରେ ଥିବା ପିଲାମାନଙ୍କୁ ଆବଶ୍ୟକତାକୁ ଆଖିରେ ରଖି ଉଚ୍ଚକୋଟୀର ବିଷୟବସ୍ତୁ ଏବଂ ଆକର୍ଷଣୀୟ ଚିତ୍ର ସହିତ, ଏହା ଭାରତ ଏବଂ ବିଶ୍ୱର ସର୍ବୋତ୍ତମ ସାହିତ୍ୟିକ ସୃଷ୍ଟି ଏବଂ ଚିତ୍ରକଳାକୁ ଏକତ୍ର କରି ପରିବେଷଣ କରିଥାଏ । ଆମର ପ୍ରକାଶିତ ପୁସ୍ତକ ଗୀତା ଧର୍ମରାଜନଙ୍କ ଷ୍ଟୋରୀ ପେଡାଗୋଜୀTM - ଏକ ଅନନ୍ୟ ଶୈକ୍ଷଣିକ ନମୂନା ଯୋଗାଇଥାଏ, ଯାହା ପ୍ରଥମ ପିଢ଼ିର ପାଠକମାନଙ୍କୁ ବିଶେଷ ଭାବରେ ପଢ଼ିବାର ଆନନ୍ଦ ଦେଇଥାଏ, ଏବଂ ପିଲାକୁ ବିଗ୍ ଆଇଡିଆ (Big Idea) ଏବଂ ଟା-ଡା (Ta-Daa) ର ଆକର୍ଷଣୀୟ ଦୁନିଆକୁ ନେଇଯାଏ ! (ଚିନ୍ତାକର, ପ୍ରଶ୍ନ ପଚାର, ଆଲୋଚନା କର, ଅଭିନୟ କରି ଦେଖାଅ ଏବଂ ସଫଳତା ହାସଲ କର)

ସାମଗ୍ରୀକ ଦୃଷ୍ଟିକୋଣରୁ ପ୍ରାଥମିକ ଶିକ୍ଷାର ପ୍ରୟୋଗଶାଳା (Katha's Holistic Early Learning) ଏହା ସରକାରୀ, ଅଣ-ଲାଭକାରୀ ଏବଂ ବେସରକାରୀ ବିଦ୍ୟାଳୟର ଶିକ୍ଷକମାନଙ୍କୁ କର୍ମଶାଳା ଆୟୋଜିତ କରିଥାଏ । ଏଗୁଡ଼ିକ ହେଉଛି ଶିକ୍ଷକ, ବିଦ୍ୟାଳୟ ପ୍ରଶାସକ ଏବଂ ସ୍ୱେଚ୍ଛାସେବୀମାନେ କର୍ମଶାଳାର ପ୍ରତ୍ୟେକ୍ଷ ସମ୍ପର୍କ ଅନଲାଇନ୍ ସେସନ୍ ଯୋଗଦେଇ ଫଠନ ଶିକ୍ଷକ ସାର୍ଟିଫିକେଟ୍ ପାଆନ୍ତି । ଅଧିକ ଜାଣିବାକୁ, ଆମସହ 300m@katha.org ଯୋଗାଯୋଗ କରନ୍ତୁ

# ଏହି ସମସ୍ତ ଆଇଏଲଆର୍ ବହିଗୁଡ଼ିକ

ଆପଣ ପଢ଼ିବା ପାଇଁ ଏବଂ ପିଲାଙ୍କ ସହ ଏକାଠି ପଢ଼ିବା ପାଇଁ ଉତ୍ତମ







































**FOR OUR BOOKS**

www.books.katha.org

"""[କଥା]... ଭାରତୀୟ ପ୍ରକାଶନୀ ଇତିହାସରେ ଏକ ସ୍ୱତନ୍ତ୍ର ଏବଂ ଅଦ୍ୱିତୀୟ ମୁହୂର୍ତ୍ତ ।""
- ପ୍ରତିଷ୍ଠିତ ଇକୋନୋମିକ୍ ଟାଇମ୍ସ "

ପିଲାମାନଙ୍କ ପାଇଁ


ISBN 978-93-88284-81-3
9 789388 284813
www.katha.org
XXX